ଏସେକ୍ସ ସହ ଚୁକ୍ତି ଜଲେ ସର୍ଦ୍ଦୁଲ

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଭାରତୀୟ ଅଲରାଉଣ୍ଡର ସର୍ଦ୍ଦୁଲ ଠାକୁର ପ୍ରଥମ ଥର ଭାଇଣ୍ଟି ଚାମ୍ପିଅନସିପ୍ ଖେଳିବାକୁ ଯାଉଛନ୍ତି। ଆଜି ସେ ଏସେକ୍ସ ଦଳ

କାଉଣ୍ଟି ଚାମ୍ପିଅନସିପ୍

ସହ ଚୁକ୍ତି ସାକ୍ଷର କରିଛନ୍ତି। ଚୁକ୍ତି ଅନୁଯାୟୀ ସେ ଆଗାମୀ ଏପିଲ୍‌ରୁ ମେ' ମାସ ମଧ୍ୟରେ ଏସେକ୍ସ ପକ୍ଷରୁ ୬ଟି ମ୍ୟାଚ୍ ଖେଳିବେ। ସର୍ଦ୍ଦୁଲ ଏବେ ମୁମ୍ବାଇ ପକ୍ଷରୁ ବିଦର୍ଭ ବିପକ୍ଷ ରଣଜୀ ଟ୍ରଫି ସେମି ଫାଇନାଲ୍ ଖେଳୁଛନ୍ତି।

ସର୍ଦ୍ଦୁଲ କହିଛନ୍ତି, ଏସେକ୍ସ ଦଳ ସହ ଯୋଗଦେବା ପାଇଁ ଉତ୍ସାହିତ ରହିଛି। ଭାଇଣ୍ଟି ଚାମ୍ପିଅନସିପ୍ ନୂଆ ଚ୍ୟାଲେଞ୍ଜ ନେଇ ଆସିଛି ଏବଂ ମୋତେ ନିଜ ଦକ୍ଷତା ଓ ପ୍ରତିଭା ଦେଖାଇବା ପାଇଁ ସୁଯୋଗ ଦେଇଛି। ମୋର ଭାଇଣ୍ଟି କ୍ରିକେଟ୍ ଖେଳିବାର ଇଚ୍ଛା ପୂରଣ ହେବାକୁ ଯାଉଥିବାରୁ ବହୁତ ଖୁସି ଅଛି।' ଚଳିତ ଯାଉଥିବାରୁ ବହୁତ ଖୁସି ଅଛି।' ଚଳିତ ରଣଜୀ ଟ୍ରଫି ସେମି ଫାଇନାଲ୍‌ରେ ସର୍ଦ୍ଦୁଲଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଛି। ଚଳିତ ସିଜନରେ ସେ ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରି ସାରିଥିବାବେଳେ ୩୪ଟି ଟ୍ରିକେଟ୍ ଅକ୍ତିଆର କରିଛନ୍ତି।

ରଣଜୀ ଟ୍ରଫି ସେମି ଫାଇନାଲ୍

ବିଦର୍ଭ ବିପକ୍ଷରେ ମୁମ୍ବାଇର ବ୍ୟାଟିଂ ବିପର୍ଯ୍ୟୟ

ମୁମ୍ବାଇ,୧୮।୨(ବ୍ୟୁରୋ): ଚଳିତ ରଣଜୀ ଟ୍ରଫିର ଉତ୍ତର ସେମି ଫାଇନାଲ୍ ମୁମ୍ବାଇରୀ ଗୋଞ୍ଚାଉର ଷ୍ଟ୍ରିଟି ଦେଇ ଗତି କରୁଛି। ବିଦର୍ଭ ବିପକ୍ଷରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୁରୁତାର ବିପକ୍ଷରେ କେରଳ ସବର୍ତ୍ତତାର ସହ ବ୍ୟାଟିଂ କରି ଷ୍ଟ୍ରିଟରେ ବଡ଼ାଇଗରେ ପଟକ ହୋଇଛି। ନିୟମ ଅନୁଯାୟୀ ମ୍ୟାଚ୍ ଡ୍ର ହୋଇଲେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିବ। ତେଣୁ କେରଳ ବିରୁଦ୍ଧ ଅପେକ୍ଷା ପ୍ରଥମ ଇନିଂସରେ ବିଶାଳ ସ୍କୋର କରିବାକୁ ପୂର୍ବରୁ ଦେଖିଛି।

ରେଖାଡ଼େଙ୍କ ଘାତକ ବୋଲିରେ ଘାଇଲା ମୁମ୍ବାଇ

ମୁମ୍ବାଇ ବିପକ୍ଷରେ ବିଦର୍ଭ ଚମତ୍କାର ପ୍ରଦର୍ଶନ କରି ରଖି ବିଜୟ ପାଇଁ ପଥ ପ୍ରସ୍ତୁତ କରିଛି। ପ୍ରଥମ ଇନିଂସରେ ବିଦର୍ଭ ଅଧିନାୟକ ଗନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଜବାବରେ ମୁମ୍ବାଇ ପ୍ରଥମ ଇନିଂସରେ ୭ ଷ୍ଟ୍ରିକେଟ୍ ହରାଇ ୧୮୮ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଅପରାଜିତ ଆଜଖ ଅନଦ ୬୬ ଓ ତନୁଷ କୋଟିଆନ୍

କେରଳର ମନ୍ଥର ବ୍ୟାଟିଂ

୫ ରନ୍ ଜରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିବସରେ ବିଦର୍ଭ ଅଧିନାୟକ ପ୍ରଥମ ଇନିଂସ ୪/୩୫୮ ରନ୍‌ରୁ ବ୍ୟାଟିଂ ଆରମ୍ଭ କରି ସାମାନ୍ୟ ରନ୍‌ରୁ ଅଲ୍ ଆଉଟ୍ ହୋଇଯାଇଥିଲା। ମୁମ୍ବାଇ ପକ୍ଷରୁ ଶିବମ ଦୁବେ ୫ଟି ଷ୍ଟ୍ରିକେଟ୍ ନେଇଥିଲେ। ଜାତୀୟ ଖେଳିଡ଼ି ମୁମ୍ବାଇ ୧୮ ରନ୍‌ରେ ଓପନର ଆୟୁଷ ମାହତେ (୯)ଙ୍କ ଷ୍ଟ୍ରିକେଟ୍ ହରାଇଥିଲା। ଏହାପରେ ସିନ୍ଧେଶ ଲାଡ୍ ଓ ଆକାଶ ଧୋଏଁର ସହ ବ୍ୟାଟିଂ କରି ଦଳକୁ ସ୍କୋରବୃଦ୍ଧିରେ ସହାୟତା କରିଥିଲେ। ଲାଡ୍ ୩୩ ରନ୍ କରି ଆଉଟ୍ ହେବା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଜ୍ୟାଖିରଣ୍ଡର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଜମ୍ମା ଜାତି ଜିମନ ପାର୍ଥ ଜେଖୋଡ଼େ ଗୋଟିଏ ଓଭରରେ ଅଜିଙ୍କ୍ୟ ରାହାଣେ (୧୮), ସୂର୍ଯ୍ୟାକୁମାର ଯାଦବ (୦) ଓ ଶିବମ ଦୁବେ (୦)ଙ୍କୁ ଆଉଟ୍ କରି ବିପର୍ଯ୍ୟୟ ଘଟାଇଥିଲେ। ଏହାପରେ ଶାମ୍ସ ମୁଲାନି (୪) ଆଉଟ୍ ହେବା ସହ ମୁମ୍ବାଇ ୧୩୮ ରନ୍‌ରେ ଆଠ ଷ୍ଟ୍ରିକେଟ୍ ହରାଇଥିଲା। ସର୍ଦ୍ଦୁଲ ଠାକୁର ୩୬ ରନ୍ କରି ଅପରାଜିତ ରହିଛନ୍ତି। ଗୁରୁତାର ପକ୍ଷରୁ ଅର୍ଜନ ନଗସ୍ୱାସୱାଲା ସର୍ବାଧିକ ୩ଟି ଷ୍ଟ୍ରିକେଟ୍ ଅକ୍ତିଆର କରିଛନ୍ତି।

ଇନିଂସ ଖେଳିବା ସହ ଆକାଶଙ୍କୁ ଆଥା ଜରି ସପ୍ତମ ଷ୍ଟିକେଟ୍‌ରେ ୬୦ ରନ୍ ଯୋଗ କରିବା ପଜରେ ବଳୀୟ ସ୍କୋର ୧୬୮ରେ ପହଞ୍ଚିଥିଲା। ସର୍ଦ୍ଦୁଲଙ୍କ ଷ୍ଟିକେଟ୍‌ରେ ପତନ ପରେ ତନୁଷ ଓ ଆକାଶ ଖ୍ରୀ ଘୋଷଣା ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋରକୁ ୧୮୮ରେ ପହଞ୍ଚାଇଥିଲେ।

ଆୟୁଷଦିନଙ୍କ ଅପରାଜିତ ଶତକ

ଗୁରୁତାର ବିପକ୍ଷରେ ଜେରେକ ଲଢ଼ୁଆ ବ୍ୟାଟିଂ ଜରି ରହିଛି। ଜ୍ରମାନ୍ୱୟରେ ୨ ଦିନ ଧରି ଜେରକ ପ୍ରଥମ ଇନିଂସ ବ୍ୟାଟିଂ ଜରି ରଖିଛି ଏବଂ ଗତର ପିଛା ୨.୩୬ ରନ୍‌ରେ ୬ଷ୍ଟିକେଟ୍ ହରାଇ ମୋଟ୍ ୪୧୮ ରନ୍ ସଂଗ୍ରହ କରିଛି। ମହଜତ ଆୟୁଷଦିନ ୧୪୯ ଓ ଆଦିତ୍ୟ ସରୱଟେ ୧୦ ରନ କରି ଅପରାଜିତ ରହିଛନ୍ତି। ଗୁରୁତାର ପକ୍ଷରୁ ଅର୍ଜନ ନଗସ୍ୱାସୱାଲା ସର୍ବାଧିକ ୩ଟି ଷ୍ଟିକେଟ୍ ଅକ୍ତିଆର କରିଛନ୍ତି।

ହର୍ଷିତଙ୍କୁ ଧାଓ୍ୱନଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଯୁବ ପେସ୍ ବୋଲର ହର୍ଷିତ ରାଣା ଚାମ୍ପିଅନ୍ସ ଟ୍ରଫିର ଭାରତୀୟ ଦଳ ଘୋଷଣାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛେ। ତାଙ୍କର ଆକ୍ରମଣାତ୍ମକ ଆଭିମୁଖ୍ୟ ଦଳ ପାଇଁ ବରଦାନ ସଦୃଶ ହେବ ବୋଲି ପୂର୍ବତନ ଓପନର ଶିଖର ଧାୱନ ପ୍ରକାଶ କରିଛନ୍ତି। ୩୫ ପେସ୍ ବୋଲର ୨୫ଟ୍ରାଟ ବୁମରା ଆହତ ହୋଇ ବାଦ୍ ପଡ଼ିବା

ପରେ ହର୍ଷିତଙ୍କୁ ସାମିଲ କରାଯାଇଛି।

ଧାୱନ କହିଛନ୍ତି, ହର୍ଷିତ ଚାମ୍ପିଅନ୍ସ ଟ୍ରଫିରେ ଅନ୍ୟତମ ଚର୍ଚ୍ଚିତ ବୋଲର ସାବ୍ୟସ୍ତ ହେବେ। ସେ କୌଣସି ବ୍ୟାଟ୍‌ସମ୍ୟାନ୍ ଭୟ କରନ୍ତି ନାହିଁ। ତାର ଜାଇଣ୍ଟ ବିପକ୍ଷ ସିରିଜରେ ଏହି ଆଭିମୁଖ୍ୟ ତାଙ୍କୁ ସଫଳ କରିଥିଲା। ଏବେ ସେ ଭଲ ଫର୍ମରେ ଅଛନ୍ତି। ସଠିକ୍ ଲାଇନ୍ ଓ ଲେଙ୍ଗଥ୍‌ରେ ଗୋଳି ଜଲେ ପ୍ରତିପକ୍ଷ ବଡ଼ର ବ୍ୟାଟରଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହେବେ। ମାତ୍ର ଭାରତ ତୁମାଇଙ୍କ ଅନୁପସ୍ଥିତି ଅନୁଭବ କରିବ। ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେସ୍ ବୋଲର।'

ସେହିପରି ରୋହିତ ଓ ବିରାଟ କୋହଲିଙ୍କ ଉପରେ ମତ ଦେଇ ଧାୱନ କହିଛନ୍ତି, ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଦୁଇ ଲେଜେଣ୍ଡର ବ୍ୟାଟର ଫର୍ମକୁ ଫେରିଛନ୍ତି। ଏହା ଦଳକୁ ବାପାମୁକ୍ତ କରିଛି। ଅନ୍ୟ ଦଳ ତୁଳନାରେ ଭାରତର ବ୍ୟାଟିଂ ବିଲ୍ଡାପ ସୁଦୃଢ଼ ରହିଛି। ଶୁଭମନ ଗିଲ୍, ଶ୍ରେୟସ ଆୟର ଜବରଦସ୍ତ ଫର୍ମରେ ଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବପ୍ତା ବିଷୟରେ ସମସ୍ତେ ଅବଗତ ଅଛନ୍ତି। ଚୋଟି ବିଲ୍ଡାପରେ ବିଜିନ୍ରା ରହିଛି। ଭାରତକୁ ହରାଇବା ଅନ୍ୟ ଦଳଗୁଡ଼ିକ ପକ୍ଷେ ସହଜ ହେବନି।

ଆଜିଠୁ ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ୍

ଭୁବନେଶ୍ୱର, ୧୮।୨ (ବ୍ୟୁରୋ): ଭୁବନେଶ୍ୱର ବାର୍ ଆସୋସିଏସନ୍ ପକ୍ଷରୁ ବିଜୁବି ଜଲେଜ ଗ୍ରାଉଣ୍ଡରେ ଆୟୋଜିତ ଆଜି ହେଉଛି ପ୍ରଶାନ୍ତ ରାଉତରାୟ ସ୍ମାରକୀ ନିଖୁଜ ଓଡ଼ିଶା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ରାଜ୍ୟର ୮ଟି ପ୍ରମୁଖ ବାର୍ ଆସୋସିଏସନ୍ ଯଥା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍, ଭୁବନେଶ୍ୱର ବାର୍ ଆସୋସିଏସନ୍, ପୁରୀ ବାର୍ ଆସୋସିଏସନ୍, ଗଞ୍ଜାମ ବାର୍ ଆସୋସିଏସନ୍, ସମ୍ବଲପୁର ବାର୍ ଆସୋସିଏସନ୍, ବେର୍ହି ଅଫ୍ ରେଗୁଲିସ୍ (ଜଟଜ), ମୋଟର ଭେହିକିଲ ଆସୋସିଏସନ୍ (ଜଟଜ) ଓ ଭୁବନେଶ୍ୱର ଗ୍ରାହକ ଦଳ ଭାଗ ନେବେ। ରାଜିର ଜର୍ସିରେ ଏହି ନଜ୍ ଆଉଟ୍ ଟୁର୍ଣ୍ଣାମେଣ୍ଟ ଟି-ଟ୍ୱେଣ୍ଟି ଫର୍ମାଟରେ ଖେଳାଯିବ। ଗତ ୨ଟି ସଂସ୍କରଣରେ ଭୁବନେଶ୍ୱର ବାର୍ ଆସୋସିଏସନ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା।

ଦୁର୍ଗାମଣ୍ଡପ ଆୟୋଜନ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଜର୍ସି ଉତ୍ସୋଚନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆୟୋଜକ ସଚିବ ଅଜିତ ମହାପାତ୍ର। ଏହି ଅବସରରେ ଆୟୋଜକ ସମିତିର ସଭାପତି ଅଜିତ ପ୍ରସାଦ ଦାସ, ସଂପାଦକ ଗୌତମ ଦାସ, ଉପସଭାପତି ଅଶୋକ ଦାସ, ସହ ସଂପାଦକ ଅଶୋକ ଦାସ, ଅଧିନାୟକ ଅଜିତ ପ୍ରସାଦ ଦାସ, ଉପ